# Prime Minister receives a telephone call from H.E. Justin Trudeau, Prime Minister of Canada

February 10, 2021

# ପ୍ରଧାନମନ୍ତ୍ରୀଙ୍କ ସହିତ ଫୋନ ଯୋଗେ କଥା ହେଲେ କାନାଡା ପ୍ରଧାନମନ୍ତ୍ରୀ ମହାମହିମ ଜଷ୍ଟିନ ଟ୍ରୁଡୋ

ଫେବୃଆରୀ 10, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଜି କାନାଡା ପ୍ରଧାନମନ୍ତ୍ରୀ ମହାମହିମ ଜଷ୍ଟିନ ଟ୍ରୁଡୋ ଫୋନ ଯୋଗେ କଥା ହୋଇଛନ୍ତି ।

ଭାରତରେ ପ୍ରସ୍ତୁତ କୋଭିଡ-19 ଟୀକା ପାଇଁ କାନାଡାର ଆବଶ୍ୟକତା ବିଷୟରେ ପ୍ରଧାନମନ୍ତ୍ରୀ ଟ୍ରୁଡୋ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କାନାଡା ପ୍ରଧାନମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, କାନାଡା ଟୀକାକରଣ ପ୍ରୟାସକୁ ସମର୍ଥନ କରିବା ପାଇଁ ଭାରତ ଯଥାସମ୍ଭବ ଚେଷ୍ଟା କରିବ, ଯେପରି ଏହା ପୂର୍ବରୁ ଭାରତ ଅନେକ ଦେଶ ପାଇଁ ମଧ୍ୟ କରିଛି ।

ପ୍ରଧାନମନ୍ତ୍ରୀ ଟ୍ରୁଡୋ ନିଜର କୃତଜ୍ଞତା ଜଣାଇ କହିଥିଲେ ଯେ, ଯଦି ବିଶ୍ୱ କୋଭିଡ-19କୁ ପରିଚାଳନା କରିବାରେ ସଫଳ ହୁଏ, ତେବେ ଏହା ହେବ ଭାରତର ଅମାପ ଫାର୍ମାସ୍ୟୁଟିକାଲ୍ କ୍ଷମତା ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ଯୋଗୁଁ ଏହା ସାରା ବିଶ୍ୱରେ ପହଂଚିବା ସମ୍ଭବ ହୋଇପାରିବ । ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କ ଏହି ଭାବନା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଦୁଇ ନେତା ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ରାଜନୈତିକ ପ୍ରସଙ୍ଗ ଉପରେ ଭାରତ ଏବଂ କାନାଡାର ସାଧାରଣ ଦୃଷ୍ଟିକୋଣକୁ ମଧ୍ୟ ଦୋହରାଇଥିଲେ । ଜଳବାୟୁ ପରିବର୍ତ୍ତନ ଏବଂ ବୈଶ୍ୱିକ ମହାମାରୀ ଦ୍ୱାରା ଦେଖାଦେଇଥିବା ଆର୍ଥିକ ପ୍ରଭାବ ଭଳି ଆହ୍ୱାନଗୁଡିକୁ ମୁକାବିଲା କରିବା ଉପରେ ଉଭୟ ଦେଶ ମଧ୍ୟରେ ଥିବା ଘନିଷ୍ଠ ସହଯୋଗ ଜାରି ରଖିବାକୁ ସେମାନେ ରାଜି ହୋଇଥିଲେ ।

**ନୂଆଦିଲ୍ଲୀ**

**ଫେବୃଆରୀ 10, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.